# ପିଲାଙ୍କ ଧରିତ୍ରୀ

ଶନିବାର, ୧୧ ଜାନୁୟାରୀ, ୨୦୨୦



୩ ମକର ସଂକ୍ରାନ୍ତି

୭ ଜଣା -ଅଜଣା

୮ ଆଇନା

କବିତା ୬

## ମତାମତ

- ପିଲାଙ୍କ ଧରିତ୍ରୀରେ ପ୍ରକାଶ ପାଇଥିବା 'ଦୋଷ ଦେବା ନାହିଁ ଲଜ୍ଜାକୁ' ଗପଟି ବେଶ୍ ଶିକ୍ଷଣୀୟ ଥିଲା। ବିନ୍ଦୁଯୋଡ ଓ ଆସ ଖୋଜିବା ସ୍ତମ୍ଭ କରିବାକୁ ମଜା ଲାଗୁଛି।

  **– ଈପ୍ସିତା ଦାସ,** ରମ୍ଭା, ବରି, ଯାଜପୁର

- ତୁମ ତୂଳୀରୁ ପୃଷ୍ଠାରେ ପ୍ରକାଶିତ ସମସ୍ତ ଚିତ୍ର ଖୁବ୍ ସୁନ୍ଦର ଲାଗୁଥିଲା। କୁନି କୁନି ପିଲାଙ୍କୁ ଏହି ପୃଷ୍ଠାଟି ବାସ୍ତବରେ ବେଶ୍ ଉତ୍ସାହିତ କରିପାରୁଛି।

  **– ତ୍ରିଲୋଚନ ଦାସ,** ବାଉଁଶିଆପଡା, ନୟାଗଡ

- ବିଜ୍ଞାନ କଥାରେ ସ୍ଥାନିତ 'ଆଲୋକ ଚିମୁଟା' ପାଠ କଲି। ଚକ୍ଷୁରୋଗୀଙ୍କ ପାଇଁ ଏହା କେତେ ଉପକାରୀ ତାହା ସୁନ୍ଦର ଭାବରେ ପ୍ରତିଫଳିତ ହୋଇଛି ଏହି ସ୍ତମ୍ଭରେ।

  **– ଶିବରାମ ହୋତା,** ଜୟପୁର, କୋରାପୁଟ

- ପିଲାଙ୍କ ଧରିତ୍ରୀ ପ୍ରଚ୍ଛଦଟିର ପୃଷ୍ଠା ସଂଖ୍ୟା ବୃଦ୍ଧି କରିବାକୁ ଅନୁରୋଧ।

  **– ପୁନମ୍ ପରିଡା ,** ଲଣ୍ଡେଇସାହି, ଗଞ୍ଜାମ




## ଖାଲି ଖାଲି ହସ

(କପିଳ ଓ ନିଲ୍ ମଧ୍ୟରେ କଥାବାର୍ତ୍ତା)

କପିଲ୍: ଆରେ ନିଲ୍ କେବେ ଭାବିଛ ଭଗବାନ୍ ଏତେ ବଡ ଦୁନିଆରେ ମଣିଷଙ୍କ ମୁହଁକୁ କାହିଁକି ଅଲଗା ଅଲଗା କରିଛନ୍ତି ?
ନିଲ୍: ହଁ, ସତକଥା,ଯେତେବେଳେ ଭଗବାନ୍ ଥକି ପଡିଥିଲେ ସେତେବେଳେ ଚାଇନାର ପାଳି ଆସିଲା–ସେଇ ସମୟରେ ସେମାନଙ୍କ ପାଇଁ ଖାଲି କପି ପେଷ୍ଟ କପି ପେଷ୍ଟ କରିଚାଲିଲେ।

ପାପା:ପପୁ, ଏଥର ତୋ ରେଜଲ୍ଟ କ'ଣ ହେଲା ?
ପପୁ:ବାପା,ଏଥର ମୋର ୮୦ ପ୍ରତିଶତ ମାର୍କ ଅଛି।
ପାପା: କିନ୍ତୁ ମାର୍କଶିଟ୍‌ରେ ତ ୪୦ପ୍ରତିଶତ ଲେଖାଯାଇଛି। ବାକି ୪୦ ପ୍ରତିଶତ ନମ୍ବର କୁଆଡେ ଗଲା ?
ପପୁ:ପାପା,ବାକି ୪୦ ପ୍ରତିଶତ ଆଧାର କାର୍ଡରେ ଲିଙ୍କ ହୋଇ ଆକାଉଣ୍ଟକୁ ପଳାଇ ଆସିବ।

ଥରେ ଏକ ବ୍ୟାଙ୍କରେ ଜଣେ ନୂଆ କ୍ୟାଶିୟର ଜଏନ୍ କଲେ। ତାଙ୍କୁ ବ୍ୟାଙ୍କ ମ୍ୟାନେଜର ଡାକି ପଚାରିଲେ– ବଣ୍ଡଲ ଓ ପ୍ୟାକେଟ୍ ମଧ୍ୟରେ କ'ଣ ଫରକ କହିଲ ?
ନୂଆ କ୍ୟାଶିୟର: ସାର୍, ପୁରୁଣା ପେପରକୁ ଗୁଡେଇ ଦେଲେ ତାହାକୁ ବଣ୍ଡଲ କୁହାଯାଏ ଆଉ ପ୍ୟାକେଟ୍‌ରେ ଚିପ୍ସ ହିଁ ଥାଏ।

# ମିନିର ଧନୁଯାତ୍ରା ଦେଖା

ମିନି ପାଞ୍ଚ ଛଅ ବର୍ଷର ଗୁଲୁଗୁଲିଆ ଝିଅଟିଏ। ଏଇ ବର୍ଷ ସ୍କୁଲ ଯିବା ଆରମ୍ଭ କରିଛି। ପାଠପଢା ସାଙ୍ଗରେ ନାଚଗୀତ ସବୁ ଦିଗରେ ତା'ର ଆଗ୍ରହ। ଥରେ ବରଗଡ ଧନୁଯାତ୍ରାରେ ନାଚିବା ପାଇଁ ତା' ସ୍କୁଲର ପିଲାମାନଙ୍କୁ ଡାକରା ଆସିଲା। ସେହି ନାଚ ଗ୍ରୁପ୍ ଭିତରେ ମିନି ବି ସାମିଲ ଥିଲା । ବରଗଡ ଧନୁଯାତ୍ରାରେ ପ୍ରତିଦିନ ସନ୍ଧ୍ୟାରେ ମହାରାଜା କଂସଙ୍କ ଦରବାରରେ ନାଚଗୀତର ଆସର ଜମେ।

କଂସ ଦରବାରରେ ପହଞ୍ଚି ମିନି ବହୁତ ଖୁସି ହୋଇଗଲା। ଏତେ ବଢ଼ିଆ ସାଜସଜ୍ଜା, ରାଜା ମନ୍ତ୍ରୀଙ୍କ ପୋଷାକରେ ଦରବାରରେ ସମସ୍ତେ ବସିଥିଲେ। ଗୋଟିଏ ପରେ ଗୋଟିଏ ନାଚଗୀତ ଚାଲିଥାଏ। ମିନି ଓ ତା'ର ଗ୍ରୁପ୍ ନାଁ ଡକାହେଲା। ସେମାନେ ଖୁବ୍ ଭଲ ନାଚ କଲେ। ଏତେ ଛୋଟଛୋଟ ପିଲାମାନଙ୍କର ନୃତ୍ୟ ଦେଖି ମହାରାଜା କଂସ ଖୁସି ହୋଇଗଲେ ଓ ସେମାନଙ୍କୁ ପାଖକୁ ଡାକିଲେ। ସେ ସମସ୍ତଙ୍କ ସାଙ୍ଗରେ ହାତ ମିଳାଇଲେ ଆଉ କଥା ହେଲେ। ସମସ୍ତଙ୍କୁ କିଛି ନା କିଛି ପଚାରୁଥାନ୍ତି। ମିନିକୁ ବି ପାଖକୁ ଡାକିଲେ ଓ କଥା ହେଲେ। ମିନି ବହୁତ ଖୁସି ହୋଇଗଲା। ସ୍ୱୟଂ କଂସ ମହାରାଜା ତା' ସାଙ୍ଗରେ କଥା ହେଉଛନ୍ତି ବୋଲି ସେ ଅତ୍ୟଧିକ ଖୁସି ହୋଇଗଲା। ଠିକ୍ ଏତିକି ବେଳେ କଂସ ମହାରାଜା ପଚାରିଦେଲେ, କହିଲ ଝିଅ କିଏ ସବୁଠୁ ଭଲ ? କଂସ ନା କୃଷ୍ଣ। ମିନି ଟିକିଏ ଭାବିଲା। ତା'ର ମନେପଡ଼ିଲା କ୍ଲାସରେ ମିସ୍ କହୁଥିଲେ, କଂସ ଗୋଟିଏ ରାକ୍ଷସ ଥିଲା, ଆଉ ତା'ର ଭଣଜା କୃଷ୍ଣଙ୍କୁ




ମାରିବା ପାଇଁ ଅନେକ ଉପାୟ ପାଞ୍ଚିଥିଲା। ମିନି ଭାବିଲା ଆଜି ଭଲ ସୁଯୋଗଟେ ପାଇଛି। ସମସ୍ତଙ୍କ ଆଗରେ ସତକଥାଟା କହିଦିଏ। ସେ ଆଗଭର ହୋଇ କହି ପକେଇଲା–କୃଷ୍ଣ ହିଁ ସବୁଠୁ ଭଲ। ସେ ତ ସ୍ୱୟଂ ଭଗବାନ। ଏତିକି ଶୁଣି କଂସ ମହାରାଜା ରାଗିଗଲେ। ସେ ସାଙ୍ଗେ ସାଙ୍ଗେ ଆଦେଶ ଦେଲେ, କିଏ ଅଛରେ ? ଏଇ ଝିଅଟାକୁ ସାଙ୍ଗେ ସାଙ୍ଗେ ବନ୍ଦୀଶାଳାରେ ଭର୍ତ୍ତି କରିଦିଅ।

ମିନିର ତ ଅକଲ ଗୁଡୁମ୍ ହେଇଗଲା। କାରାଗାରର ନାଁ ଶୁଣି ଡରିଗଲା, ଆଉ ଜୋରରେ ପାଟିକରି କାନ୍ଦିବାକୁ ଲାଗିଲା। କ'ଣ ହେଲା ବୋଲି ସମସ୍ତେ ଚକିତ ହୋଇଗଲେ। ସମସ୍ତେ ତାକୁ ଚୁପ୍ କରାଇବାକୁ ଚେଷ୍ଟା କଲେ। କିଏ ଚକୋଲେଟ ଦେଲା କିଏ ବିସ୍କୁଟ ଦେଲା। ହେଲେ ସବୁ ଫେଲ୍ ମାରିଲା। ମିନି ଚୁପ ହେବାର ନାଁ ନେଲାନି। ଶେଷରେ ତା' ମାଆ ବାପା ଆସି ତାକୁ ଘରକୁ ନେଇଗଲେ। ଘରେ ପହଞ୍ଚି ମିନି ଟିକିଏ ଆଶ୍ୱସ୍ତ ହେଲା। ତା'ର ଜେଲ ଯିବାର ଭୟ ବୋଧ ହୁଏ କମି ଯାଇଥିଲା। ସେ ଟିକିଏ ଚୁପ ହେଲା ପରେ ମାଆ ସବୁ କଥା ପଚାରିଲେ। ମିନି ଗୋଟିଗୋଟି କରି ସବୁ କଥା କହିଲା । ଆଉ ପଚାରିଲା, ମମି ମୁଁ ତ ସତକଥା କହିଲି, ମୋତେ ମହାରାଜା ଜେଲ ପଠାଇବାର ଆଦେଶ କାହିଁକି ଦେଲେ ? ମିନିର ମମି ସବୁ ଶୁଣି ସାରି ହସିଲେ ଆଉ କହିଲେ, ମାଆରେ ଧନୁଯାତ୍ରା ଗୋଟିଏ ନାଟକ। ସେଥିରେ ହିରୋ ହେଲେ କଂସ ମହାରାଜା। ତେଣୁ ତାଙ୍କ ଦରବାରରେ ସମସ୍ତେ ତାଙ୍କର ପ୍ରଶଂସା ହିଁ କରନ୍ତି। ଯିଏ ତାଙ୍କର ପ୍ରଶଂସା କରେ ନାହିଁ ସେ ତାକୁ ସାଙ୍ଗେସାଙ୍ଗେ ଜେଲକୁ ପଠେଇ ଦିଅନ୍ତି। ତା ବି ମିଛିମିଛିକା। ଏଥର ବୁଝିଲୁ ତ। ମିନି ଏବେ ସବୁ ଠିକ୍‌ରେ ବୁଝିପାରିଲା। ଆଉ ଖୁସି ହେଇଗଲା।

**– ଲୀନା ଦାଶ**
ମହାନ୍ତିପଡ଼ା, ବରଗଡ଼

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୭ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf
of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795

## ଚଗଲା ଭୀମୁ







# କେଉଁଠି-କେମିତି
# ମକର ସଂକ୍ରାନ୍ତି

**ପ୍ରତିବର୍ଷ ଜାନୁୟାରୀ ମାସରେ ଭାରତର ବିଭିନ୍ନ ସ୍ଥାନରେ ମକର ସଂକ୍ରାନ୍ତି ପାଳନ କରାଯାଇଥାଏ। ଓଡ଼ିଶାରେ ମଧ ଏହି ପର୍ବର ବିଶେଷ ମହତ୍ତ୍ୱ ରହିଛି। ତେବେ ଏହି ମକରକୁ କେଉଁଠି କିପରି ପାଳନ କରାଯାଏ ଜାଣନ୍ତୁ ସେ ସମ୍ପର୍କରେ...**



- ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ଏହି ପର୍ବ ୪ ଦିନ ବ୍ୟାପୀ ପାଳନ କରାଯାଏ। ଏହି ପର୍ବର ପ୍ରଥମ ଦିନକୁ ଭୋଗି, ଦ୍ୱିତୀୟ ଦିନକୁ ମକର, ତୃତୀୟ ଦିନକୁ କନୁମା ଏବଂ ଚତୁର୍ଥ ଦିନକୁ ମୁକନୁମା ଭାବେ ପାଳନ କରାଯାଏ। ଏହି ଅବସରରେ ଏଠାରେ ବଳଦ ଦୌଡ, ଗୁଡିଉଡା ତଥା ଗଞ୍ଜା ଲଢେଇ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥାଏ।

- ଓଡିଶାରେ ମଧ୍ୟ ଏହି ପର୍ବ ମକର ସଂକ୍ରାନ୍ତି ଭାବେ ପାଳନ କରାଯାଏ। ଏହିଦିନ ନୂଆ ଚାଉଳରେ ଗୁଡ, ନଡିଆ, କଦଳୀ, ଛେନା, ରାଶି ଆଦି ଦ୍ୱାରା ମକର ଚାଉଳ ପ୍ରସ୍ତୁତ କରି ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିବାର ପ୍ରଥା ରହିଛି। କଟକର ମହାନଦୀ ପଠାଠାରେ ଏହି ଦିନ ଗୁଡି ଉଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ।

- ତାମିଲନାଡୁରେ ଏହି ପର୍ବ ତିନିଦିନ ବ୍ୟାପୀ 'ମଙ୍ଗଳ ଉତ୍ସବ' ରୂପେ ପାଳନ କରାଯାଏ। ଏହି ଅବସରରେ ଚାଉଳ, ଗୁଡ ଏବଂ କ୍ଷୀରରେ ମଙ୍ଗଳ ନାମକ ଏକପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ସୂର୍ଯ୍ୟଙ୍କୁ ଅର୍ପଣ କରାଯାଇଥାଏ। ଏହି ଦିନରେ ଗାଈ, ବଳଦ, ମଇଁଷିଙ୍କୁ ଫୁଲମାଳ ଦେଇ ପୂଜାର୍ଚ୍ଚନା କରାଯାଇଥାଏ।

- କର୍ନାଟକରେ ଏହି ପର୍ବ ଫସଲ କଟା ଉତ୍ସବ ରୂପେ ପାଳନ କରାଯାଏ। ଏଠାରେ ଲୋକେ ପରସ୍ପରକୁ ଭଜା ରାଶି, କାଜୁବାଦାମ, ଚଣା ଏବଂ ଶୁଖିଲା ନଡିଆ ଭେଟି ଦେଇଥାନ୍ତି। ଏହା ଦ୍ୱାରା ବନ୍ଧୁତ୍ୱ ଅତୁଟ ରହେ ବୋଲି ବିଶ୍ୱାସ ରହିଛି।

- ପଶ୍ଚିମବଙ୍ଗରେ ଏହି ପର୍ବଟି 'ପୌଷ ପାର୍ବନ୍' ନାମରେ ଖ୍ୟାତ। ଏହି ଦିନ ତୀର୍ଥଯାତ୍ରୀମାନେ ଗଙ୍ଗାସାଗରରେ ବୁଡ ପକାନ୍ତି। ଏହି ସଂଗମ ସ୍ଥଳରେ ବୁଡ ପକାଇବା ଦ୍ୱାରା ପାପରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି।

- ଗୁଜରାଟରେ ଏହି ପର୍ବକୁ 'ଉତ୍ତରାୟଣ' ବୋଲି କୁହାଯାଏ। ଏହି ଅବସରରେ ଏଠାରେ ଗୁଡିଉଡା ପର୍ବ ପାଳନ କରାଯାଇଥାଏ।

- ପଞ୍ଜାବରେ ଏହି ପର୍ବ ଲୋହରି ନାମରେ ଖ୍ୟାତ। ଏହି ଅବସରରେ ଲୋକେ ରାତିରେ ନିଆଁ ଜାଳି ଅଗ୍ନି ଦେବତାଙ୍କୁ ପୂଜାକରି ଉତ୍ସବ ମନେଇଥାନ୍ତି।

- ଉତ୍ତରାଖଣ୍ଡର ବାଗେଶ୍ୱରଠାରେ ଏହିଦିନ ଏକ ବଡ ମେଳାର ଆୟୋଜନ କରାଯାଇଥାଏ। ଏଠାରେ ଲୋକେ ଗଙ୍ଗାସ୍ନାନ କରି ପରସ୍ପରକୁ ରାଶି ଏବଂ ମିଠା ପ୍ରଦାନ କରିଥାନ୍ତି।

- ବିହାର ଏବଂ ଝାଡଖଣ୍ଡରେ ଏହି ପର୍ବ ସକ୍ରାତ ବା ଖିଚ୍‌ଡ଼ି ନାମରେ ପରିଚିତ। ଏହିଦିନ ଏଠାରେ ଖେଚୁଡି ପ୍ରସ୍ତୁତ କରି ଖାଇବାର ପ୍ରଥା ରହିଛି।























୧ ୨ ୩ ୪ ୫ ୬













୭ ୮ ୯ ୧୦ ୧୧



**ଅଜୟ କୁମାର ମହାନ୍ତ**
କ୍ଲାସ-୪, ମକାଶୁଖିଲା ପ୍ରାଥମିକ ବିଦ୍ୟାଳୟ, ଚକ୍ରଧରପୁର, କେନ୍ଦୁଝର
୧



**ବିଘ୍ନରାଜ ଭଞ୍ଜମିଶ୍ର**
କ୍ଲାସ-୯, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଆମ୍ବପୁଆ, ଗଞ୍ଜାମ
୨



**ଷ୍ଟାଲିନ୍ ଜଗନ୍ନାଥ**
କ୍ଲାସ - ୪, କେନ୍ଦ୍ରୀୟ ବିଦ୍ୟାଳୟ - ୧, ଭୁବନେଶ୍ୱର
୩



**ଆଦିତ୍ୟ ମିଶ୍ର**
କ୍ଲାସ - ୪, କେନ୍ଦ୍ରୀୟ ବିଦ୍ୟାଳୟ - ୧, ଭୁବନେଶ୍ୱର
୪



**ସିଦ୍ଧ ସାତ୍ତ୍ୱିକ୍**
କ୍ଲାସ-୨, ସେଣ୍ଟ ମ୍ୟାରୀ ସ୍କୁଲ, ଯାଜପୁର
୫



**ଦୀକ୍ଷା ଦେବାଂଶୀ ବରାଳ**
କ୍ଲାସ-୧,କେନ୍ଦ୍ରୀୟ ବିଦ୍ୟାଳୟ-୧, ୟୁନିଟ୍-୯, ଭୁବନେଶ୍ୱର
୬



**ଭବାଂଶୀ ହୋତା**
କ୍ଲାସ-୪, ସାରସ୍ୱତ ବାଲ୍ମନ୍ଦିର, ଜୟପୁର
୭



**ସ୍ମୃତି ଶାଶ୍ୱତୀ**
କ୍ଲାସ-୯, ସେଣ୍ଟ ମେରୀ ସ୍କୁଲ, ଯାଜପୁର
୮



**ନମିତା ବରିହା**
କ୍ଲାସ-୭, ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣାଗଡ, ବଲାଙ୍ଗୀର
୯



**ବିଶ୍ୱବନ୍ଦିତା ମହାପାତ୍ର**
କ୍ଲାସ - ୧୦, ସୁଦାନନ୍ଦ ବିଦ୍ୟାଳୟ, ନଛିପୁର, କଟକ
୧୦



**ରାଜା ବରିହା**
କ୍ଲାସ-୭, ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣାଗଡ, ବଲାଙ୍ଗୀର
୧୧

## କହିଲ ଦେଖି



କୁଲା ପରି କାନ ଅଟେ ମୋହର,
ଖମ୍ବ ପରି ଗୋଡ଼ ଦିଶେ ସୁନ୍ଦର।
ଦେହ ସିନା ବଡ଼ ଆଖିଟି ଛୋଟ,
ଲାଞ୍ଜଟିଏ ଦିଶେ ଯେସନେ ଛାଟ।
ଗଣେଶଙ୍କ ମୁଣ୍ଡେ ମୁଁ
ଶୋଭା ପାଏ,
ଜଙ୍ଗଲରେ ରହି ଡାଳକୁ ଖାଏ।
କହିକେ ପାରିବ ନାମ ମୋହର,
ନ ହେଲେ ଖାଇବ ଶୁଣ୍ଢ ପାହାର।

**ଉତ୍ତର: ହାତୀ**

କଳାରଙ୍ଗ ଅଟେ ଦେହଟି ମୋର,
କାନ୍ଥରେ ଅଟଇ ମୋହରି ଘର।
ଗୁରୁଙ୍କର ମୁହିଁ ଅଟେ ନିଜର,
ଲେଖନ୍ତି ସିଏ ଯେ କେତେ ଅକ୍ଷର।
ପିଲାଙ୍କ ଭବିଷ୍ୟ ଦିଏ ମୁଁ ଗଢ଼ି,
ହାକିମ ହୁଅନ୍ତି ମୋ ପାଠ ପଢ଼ି।
କୁହ ପିଲେ ଏବେ ନାମ ମୋହର,
କହି ନ ପାରିଲେ ହେବ ବାନର।

**ଉତ୍ତର: କଳାପଟା**






ତିନୋଟି ଅକ୍ଷରେ ଗଢ଼ା ମୋ ଦେହ,
ଧନ୍ଦାଟିକୁ ପଢ଼ି ମୁଁ କିଏ କୁହ ?
ପ୍ରଥମ ତୃତୀୟ ଦୁଇ ଅକ୍ଷର,
ପ୍ରଧାନ ଖାଦ୍ୟ ଯେ ଅଟେ ମୋହର।
ପ୍ରଥମ ଦ୍ୱିତୀୟ ଦିଅ ମିଶାଇ,
ବୋହିବାର ନାମ ଦିଏ ବତାଇ।
ଦ୍ୱିତୀୟ ତୃତୀୟ ଅକ୍ଷର ମିଶି,
ବ୍ୟସ୍ତତାର ଅର୍ଥ କହନ୍ତି ଆସି।
ସଭିଙ୍କର ମାତା ଅଟଇ ମୁହିଁ,
ଯିଏ ଜାଣିଅଛ ଦିଅହେ କହି ?

**ଉତ୍ତର: ଭାରତ**

**– ହେମନ୍ତ କୁମାର ଦାଶ**
ତୁଷୁରା, ବଲାଙ୍ଗୀର, ମୋ:୯୯୩୭୬୮୮୫୫୧

## କବିତା

# ମକର ଗୀତ

ସଂକ୍ରାନ୍ତି ମଧ୍ୟରେ ଅଟଇ ସାର
ମକର ସଂକ୍ରାନ୍ତି ନାମ ତାହାର,
କେତେ ନାମ ଧରି ଆସିଛି ପୂଜା
ମାଘି, ଖିଚିଡ଼ି ଓ ଉତ୍ତରାୟଣ।
ମକର ଚାଉଳ ଖିଚିଡ଼ି ଭୋଗ
ନଡ଼ିଆ କଦଳୀ ଛେନାର ପାଗ,
ଧନୁରୁ ମକର ଯାଆନ୍ତି ରବି
ମାଘ ସକାଳର ନୂତନ ଛବି।
ଗୁଡ଼ି ଉଡ଼ିଯାଏ ଆକାଶ ଛୁଇଁ
ପିଲାଏ ନାଚନ୍ତି ହରଷ ହୋଇ,
ମକର ମେଳାର ଖୁସି ଆସର
ବୁଲିଯିବା ଆମ ମିନାବଜାର।
ପୁଣ୍ୟ ମକର ପୁଣ୍ୟ ତିଥିରେ
ସଂକ୍ରାନ୍ତି ପୁରୁଷ ଜନମ ନେଲେ,
ଆମ ବ୍ୟାସକବି ଅଟନ୍ତି ସେହି
ତାଙ୍କୁ କେବେ ଆମେ ଭୁଲିବା ନାହିଁ।
ଗାଇବା ଆସ ହେ ବନ୍ଦନ ଗୀତ
ମକର ଚାଉଳେ ମକର ମିତ,
ମକର ଦେଉଛି ଶୁଭ ବାରତା
ସଭିଏଁ ପାସୋର ମନର ବ୍ୟଥା।

**–ରବୀନ୍ଦ୍ର କାନୁନ୍‌ଗୋ**
ଅଧ୍ୟାପକ,ଶ୍ରୀମା ମହିଳା ମହାବିଦ୍ୟାଳୟ,
ଦଶମାଣକୂଳ,ତିର୍ତ୍ତୋଲ, ଜଗତ୍‌ସିଂହପୁର





# ଉଡ଼ି ଉଡ଼ି ଉଡ଼ି ଯା'ରେ ଗୁଡ଼ି

ଉଡ଼ି ଉଡ଼ି ଉଡ଼ି ଯା'ରେ ଗୁଡ଼ି
ମକରେ ସୂରୁଯ ବକର ପରି
ସାଙ୍ଗସାଥୀ ମେଳେ ଖେଳିବା ଗୁଡ଼ି
ଉଡ଼ାଇ ଆକାଶେ ଧାଡ଼ିକି ଧାଡ଼ି।

କେତେ ଜାତି ଜାତି ରଙ୍ଗ ତାହାରି
ସୁନ୍ଦର ଦିଶଇ ଆକାଶେ ଉଡ଼ି
ଇନ୍ଦ୍ରଧନୁର ରଙ୍ଗରେ ଭରି
ଝଲସେ ଆକାଶ ଘଡ଼ିକି ଘଡ଼ି।

ଶକତ ମାଞ୍ଜାରେ ବାନ୍ଧି ଦଉଡ଼ି
ଦୂର ଆକାଶରେ ଉଡ଼ାଇ ଗୁଡ଼ି
ସାଙ୍ଗସାଥୀ ଯେତେ ହୋଇଣ ମେଳି
ଉଡ଼ାଇବା ସ୍ନେହ ପ୍ରୀତିର ଗୁଡ଼ି ।

**–ଅର୍ଚ୍ଚନା କର,** ୬୫୬,ନୟାପଲ୍ଲୀ,
ବେହେରାସାହି, ଭୁବନେଶ୍ୱର

# ତୁମ ପଢ଼ିବା ପାଇଁ




**ଆସ ପ୍ରାର୍ଥନା କରିବା :** ପ୍ରାର୍ଥନା ମନରେ ଭକ୍ତିଭାବକୁ ଆହୁରି ଜାଗ୍ରତ କରାଇବା ସହ ଶାନ୍ତି ଆଣିଥାଏ। ସେପରି ଭକ୍ତିରସରେ ପରିପୂର୍ଣ୍ଣ ପ୍ରାର୍ଥନାଗୁଡ଼ିକ ସ୍ଥାନିତ ହୋଇଛି ସଦ୍ୟ ପ୍ରକାଶିତ କବିତା ସଂକଳନ 'ଆସ ପ୍ରାର୍ଥନା କରିବା'ରେ। ଡ. ପ୍ରତିମାରାଣୀ ମିଶ୍ର (ଷଡ଼ଙ୍ଗୀ)ଙ୍କ ସଙ୍କଳିତ ଏହି ସଂକଳନରେ ନିଜ ରଚନା ବ୍ୟତୀତ ରହିଛି କବିବର ରାଧାନାଥ ରାୟ, ଗୋଦାବରୀଶ ମିଶ୍ର, ମଧୁସୂଦନ ରାଓ ଏବଂ ଡ. ସୁକାନ୍ତି ସୁଚରିତା ଷଡ଼ଙ୍ଗୀଙ୍କ ରଚିତ କବିତା। 'ଗଣେଶ ସ୍ତୁତି, ଜଗନ୍ନାଥ ବନ୍ଦନା, ସରସ୍ୱତୀ ବନ୍ଦନା, ଶିବ ସ୍ତୁତି, ଶ୍ରୀରାମ ସ୍ତୁତି, ହନୁମାନ ସ୍ତୁତି, ଗାୟତ୍ରୀ ମନ୍ତ୍ର, ଶାନ୍ତି ଶ୍ଳୋକ, ପ୍ରଣତି ଘେନ ବିଶ୍ୱଦେବତା ଆଦି ୬୦ଟି କବିତାର ଉପସ୍ଥାପନା ପିଲାମାନଙ୍କ ପାଇଁ ଉପାଦେୟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଏ। ତା'ସହ ଏଥିରେ ସଂଯୋଜିତ ହୋଇଛି ଆମର ଜାତୀୟ ସଙ୍ଗୀତ ଏବଂ ପିଲାମାନଙ୍କ ପାଇଁ ହିତୋପଦେଶ। ଉକ୍ତ ସଚିତ୍ର ସଂକଳନର ମୂଲ୍ୟ ରହିଛି ୩୫ଟଙ୍କା।

**ଯୋଗାଯୋଗ :** ଡ. ପ୍ରତିମାରାଣୀ ମିଶ୍ର (ଷଡ଼ଙ୍ଗୀ), ଏଲ୍‌-୨୭୨, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର।

## ଆରଥରର ଉତ୍ତର

୧
୨
୩
୪
୫



# ଆସ ଖୋଜିବା



## ଏଥରର ପ୍ରଶ୍ନ

- କାହାକୁ କମ୍ପ୍ୟୁଟରର ଜନକ ବୋଲି କୁହାଯାଏ?
- ଏରୋପ୍ଲେନ୍‌ର ଜନକ କିଏ?
- କାହାକୁ ମୋବାଇଲ ଫୋନ୍‌ର ଜନକ ବୋଲି କୁହାଯାଏ?
- ପ୍ରିଣ୍ଟିଙ୍ଗ ପ୍ରେସ୍‌ର ଜନକ କିଏ?
- ଗଣିତର ଜନକ କିଏ?

# ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦ

ସ୍ୱାମୀ ବିବେକାନନ୍ଦ, ଡାକ ନାମ ନରେନ୍ ବା ନରେନ୍ଦ୍ର। ବାପାଙ୍କ ନାମ ବିଶ୍ୱନାଥ ଦତ୍ତ ଓ ମା' ଙ୍କ ନାମ ଭୁବନେଶ୍ୱରୀ ଦେବୀ। ୧୮୬୩ ମସିହା ଜାନୁୟାରୀ ୧୨ ତାରିଖରେ କଲିକତା ସହରରେ ଏକ ଧନୀ ପରିବାରରେ ଜନ୍ମ ତାଙ୍କର। ବାଲ୍ୟକାଳରୁ ସେ ଖୁବ୍ ଚପଳ ହେଲେ ମଧ୍ୟ ଖେଳକୌତୁକପ୍ରିୟ ଥିଲେ। ଏହା ସହିତ ସେ ଖୁବ୍ ଭଗବତ୍ ବିଶ୍ୱାସୀ ଥିଲେ। ଅନେକ ସମୟରେ ପୂଜା ଓ ଧ୍ୟାନରେ ମନୋନିବେଶ କରୁଥିଲେ। ତାଙ୍କ ମା' ଜଣେ ଧର୍ମପରାୟଣ ମହିଳା ହୋଇଥିବାରୁ ସେ ନରେନ୍‌ଙ୍କୁ ରାମାୟଣ ଓ ମହାଭାରତର ଗପ ଶୁଣାଉଥିଲେ, ଯାହାକି ତାଙ୍କ ମନରେ ଖୁବ୍ ପ୍ରଭାବ ପକାଇଥିଲା।

ନରେନ୍ଦ୍ର ଜଣେ ମେଧାବୀ ଛାତ୍ର ଥିଲେ। ବିଭିନ୍ନ ବିଷୟରେ ପାଣ୍ଡିତ୍ୟ ଅର୍ଜନ କରିଥିଲେ। ଦର୍ଶନ ଶାସ୍ତ୍ର, ସଙ୍ଗୀତ ଓ ବ୍ୟାୟାମରେ ଦକ୍ଷତା ଅର୍ଜନ କରିଥିଲେ। ଖୁବ୍ ଭଲ ଭାଷଣ ଦେଇପାରୁଥିବାରୁ ସେ ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇଥିଲେ। ସାଙ୍ଗସାଥୀମାନଙ୍କ ମଧ୍ୟରେ ସେ ଥିଲେ ପ୍ରଥମ। ଭଗବାନଙ୍କ ଉପସ୍ଥିତି ବିଷୟରେ ଜାଣିବା ପାଇଁ ତାଙ୍କ ମନରେ ଖୁବ୍ ଆଗ୍ରହ ଥିଲା। ଅନେକ ସାଧୁ ସନ୍ଥଙ୍କୁ ମଧ୍ୟ ଦେଖା କରୁଥିଲେ। ମାତ୍ର କେଉଁଠାରେ ସେ ସନ୍ତୁଷ୍ଟ ହୋଇପାରିଲେ ନାହିଁ। ଶେଷରେ ତାଙ୍କର ସାକ୍ଷାତ ହୋଇଥିଲା ସନ୍ଥ ଶ୍ରୀରାମକୃଷ୍ଣଙ୍କ ସହିତ। ତାଙ୍କୁ ସେ ନିଜର ଗୁରୁ ରୂପେ ଗ୍ରହଣ କରିଥିଲେ। ଗୁରୁଙ୍କର ପରାମର୍ଶ କ୍ରମେ ସେ ଦକ୍ଷିଣେଶ୍ୱରର ମା' କାଳୀଙ୍କର ପୂଜାକରିଥିଲେ। ତାଙ୍କ ଗୁରୁଙ୍କଠାରୁ ଅନେକ ପ୍ରଶ୍ନର ସରଳ ଉତ୍ତର ପାଇଥିଲେ।

ଶ୍ରୀରାମକୃଷ୍ଣଙ୍କ ତିରୋଧାନ ପରେ ନରେନ୍ଦ୍ର ସମଗ୍ର ଭାରତ ଭ୍ରମଣ କରି ନିଜର ଜ୍ଞାନ ବୃଦ୍ଧି କରିଥିଲେ। ସାରା ଦେଶ ବୁଲି ସେ ଅନୁଭବ କଲେ ଯେ ଧର୍ମ ହିଁ ଭାରତର ଶକ୍ତି। ଧର୍ମ ଭିତରେ ଥିବା ଦୁର୍ଗୁଣ ଆଦିକୁ ବାହାର କରିବାକୁ ସେ ଚେଷ୍ଟା ଆରମ୍ଭ କଲେ। ଭାରତରେ ଥିବା ଗରିବ ଲୋକମାନଙ୍କ ଲାଗି ମଧ୍ୟ ସେ ଚିନ୍ତା କରୁଥିଲେ। ନାରୀମାନଙ୍କର ଦୁଃଖ ଦୁର୍ଦ୍ଦଶାରେ ସେ ଦୁଃଖ କରୁଥିଲେ। ଏ ସବୁର ସମାଧାନ ପାଇଁ ସେ ଚିନ୍ତିତ ଥିଲେ। ପରିଶେଷରେ ସେ କନ୍ୟାକୁମାରୀରେ ପହଞ୍ଚିଲେ। ସେହିଠାରେ ସେ ସ୍ଥିର କଲେ ଯେ ସମଗ୍ର ବିଶ୍ୱ ଭ୍ରମଣ କରି ଭାରତ ବିଷୟରେ ଜଣାଇବେ।

ସ୍ୱାମିଜୀ ଅନେକ ଦେଶ ବୁଲି ବୁଲି ଶେଷରେ ଆମେରିକାର ଶିକାଗୋ ସହରରେ ପହଞ୍ଚିଲେ ୧୮୯୩ ମସିହାରେ। ସେଠାରେ ଏକ ଧର୍ମ ସମ୍ମିଳନୀରେ ଯୋଗଦେଇ ସମଗ୍ର ପୃଥିବୀରେ ଭାରତର ଖ୍ୟାତି ବଢାଇବାରେ ସାହାଯ୍ୟ କରିଥିଲେ। "ମୋର ପ୍ରିୟ ଆମେରିକାର ଭଉଣୀ ଓ ଭାଇମାନେ" କହି ଭାଷଣ ଆରମ୍ଭ କରିବା ମାତ୍ରେ ସଭାସ୍ଥଳି କରତାଳିରେ ଫାଟି ପଡିଲା। ଏହାପରେ ତାଙ୍କର ସାରା ପୃଥିବୀରେ ଖ୍ୟାତି ବଢିବାକୁ ଲାଗିଲା।



"ମାନବ ସେବା ହିଁ ମାଧବ ସେବା" ବୋଲି ସେ ପ୍ରଚାର କରୁଥିଲେ। ପ୍ରତି ମଣିଷଙ୍କ ଭିତରେ ଭଗବାନ ଅଛନ୍ତି। ତେଣୁ ଭଗବାନଙ୍କୁ ବିଶ୍ୱାସ କରିବା ପାଇଁ ସେ କହୁଥିଲେ। ହିଂସା କପଟ ଦୂରେଇ ଦେଇ ପ୍ରତିଟି ମଣିଷଙ୍କୁ ଭଲ ପାଇବା ପାଇଁ ସେ ପରାମର୍ଶ ଦେଉଥିଲେ। ଯୁବତୀ ଯୁବକମାନଙ୍କୁ ସାହସୀ ହେବାକୁ ସେ କହୁଥିଲେ। ସେମାନେ ଚାହିଁଲେ ଭାରତ ଆଗକୁ ଯାଇପାରିବ ବୋଲି ତାଙ୍କର ବିଶ୍ୱାସ ଥିଲା । ସମସ୍ତ ପ୍ରକାର ଅଳସୁଆମି ଛାଡି ନିଜ କାମରେ ମନଦେବାକୁ ସେ ପରାମର୍ଶ ଦେଉଥିଲେ। ସେମାନଙ୍କୁ ଦେଶର ବୀର ସୈନିକ ବୋଲି ସମ୍ବୋଧନ କରି ଯୁବସମାଜର ଉନ୍ନତିରେ ଦେଶର ଉନ୍ନତି ହୋଇ ପାରିବ ବୋଲି ସେ କହୁଥିଲେ। ତେଣୁ ତାଙ୍କ ଜନ୍ମଦିନକୁ ଭାରତରେ 'ଯୁବ ଦିବସ' ରୂପେ ପାଳନ କରାଯାଏ। ସ୍ୱାମିଜୀ ସର୍ବଦା ଦୁଷ୍ଟମାନଙ୍କୁ ସାମ୍ନା କରିବାକୁ କହୁଥିଲେ। ଥରେ ବାରାଣସୀର ଗୋଟିଏ ନିଛାଟିଆ ରାସ୍ତାରେ ଯାଉଥିବା ବେଳେ କିଛି ମାଙ୍କଡ ତାଙ୍କୁ ଆକ୍ରମଣ କଲେ। କ'ଣ କରିବେ ସେ କିଛି ବୁଝିପାରିଲେ ନାହିଁ। ପ୍ରାଣବିକଳରେ ଧାଇଁବାକୁ ଲାଗିଲେ। ମାଙ୍କଡମାନେ ବି ତାଙ୍କ ପଛରେ ଧାଉଁଥାନ୍ତି । ଶେଷରେ ସାହସ ବାନ୍ଧି ହଠାତ୍ ମଝି ରାସ୍ତାରେ ଛିଡା ହୋଇପଡିଲେ ଓ ମାଙ୍କଡମାନଙ୍କୁ ବୁଲି ପଡି ଚାହିଁ ରହିଲେ। ଏହା ଦେଖି ଭୟରେ ମାଙ୍କଡମାନେ ପଛକୁ ଫେରି ଚାଲିଗଲେ। ସାହସର ସହିତ କାମ କଲେ ବିପଦ ସବୁ ଦୂର ହୋଇଯିବ ବୋଲି ସେ ପରାମର୍ଶ ଦେଉଥିଲେ।

କୌଣସି ମନ୍ଦ କଥା ନ ଶୁଣିବା, ମନ୍ଦ କାମ ନ କରିବା ଓ ମନ୍ଦ ଚିନ୍ତା ନ କରିବାକୁ ସ୍ୱାମିଜୀ ସବୁବେଳେ କହୁଥିଲେ। ନିଜର ଦୋଷ ପାଇଁ ଅନ୍ୟ କାହାକୁ ଦାୟୀ ନ କରିବାକୁ ସେ ମଧ୍ୟ ପରାମର୍ଶ ଦେଉଥିଲେ। ନିଜ ଦାୟିତ୍ୱ ନିଜେ ନେବାକୁ ସେ ପରାମର୍ଶ ଦେଉଥିଲେ। ନିଃସ୍ୱାର୍ଥପର ଭାବେ କାମ କରିବା ତଥା ଚେଷ୍ଟା ଦ୍ୱାରା ସବୁ ସମ୍ଭବ ହୋଇପାରିବ ବୋଲି ସେ କହୁଥିଲେ। ସ୍ୱାମୀଜୀ ନିଜ ଦେଶକୁ ତଥା ସମସ୍ତ ଭାରତୀୟଙ୍କୁ ଖୁବ୍ ଭଲ ପାଉଥିଲେ। ବିଦେଶର ଚାକଚକ୍ୟରେ ସେ କେବେ ଭଳିଯାଇନଥିଲେ। ମାତୃଭୂମିର ଉନ୍ନତି ପାଇଁ ତାଙ୍କ ଆଖିରେ ନିଦ ନ ଥିଲା। ତାଙ୍କରି ଚେଷ୍ଟାରେ ଭାରତ ସମଗ୍ର ବିଶ୍ୱରେ ନିଜର ଖ୍ୟାତି ଅର୍ଜନ କରିପାରିଥିଲା। ସମଗ୍ର ବିଶ୍ୱକୁ ଭାଇଚାରାରେ ବାନ୍ଧି ରଖିବାକୁ ସେ ଚେଷ୍ଟା କରିଥିଲେ। ମାତ୍ର ୩୯ ବର୍ଷ ବୟସରେ ଜୁଲାଇ ୪ ତାରିଖ ୧୯୦୨ ମସିହାରେ ଏହି ଯୋଗଜନ୍ମା ମହାପୁରୁଷଙ୍କ ମୃତ୍ୟୁ ଘଟିଥିଲା। ସମଗ୍ର ବିଶ୍ୱକୁ ଆଧ୍ୟାତ୍ମିକ ଶକ୍ତି ବଳରେ ଜୟ କରିଥିବାରୁ ସେ ବିଶ୍ୱ ବିଜୟୀ ବିବେକାନନ୍ଦ ରୂପେ ପରିଚିତ।

**– ଶରତ କୁମାର ଦାସ**
ଅଧ୍ୟାପକ, ବଡବିଲ ମହାବିଦ୍ୟାଳୟ,
ବଡବିଲ, କେନ୍ଦୁଝର
ମୋ: ୮୨୪୯୧୩୭୦୯୧

## ଜଣା ଅଜଣା

ଶିଶୁ ଜନ୍ମ ହେବାର କିଛି ମାସ ଯାଏ ତା'ର ରଙ୍ଗ ବାରିବାର କ୍ଷମତା ନ ଥାଏ। ତାକୁ ସମସ୍ତ ଜିନିଷ କଳା ଧଳା ହିଁ ଦେଖାଯାଏ।



ପାଣି ଭିତରୁ ଗୋଟିଏ ପେଙ୍ଗୁଇନ୍ ପ୍ରାୟ ୬ ଫୁଟ ଉଚ୍ଚକୁ ଲମ୍ଫ ପ୍ରଦାନ କରିପାରେ।





ପିକକ୍ ସ୍ପାଇଡର ଦେଖିବାକୁ ମୟୂର ଭଳି। ଏହି ବୁଢିଆଣୀ ଅନ୍ୟ ବୁଢିଆଣୀଙ୍କ ଭଳି ଜାଲ ପ୍ରସ୍ତୁତ କରେ ନାହିଁ

# ଆ ଇ ନା



ଡୁଡୁଲ
୫ ବର୍ଷ



ସେଜଲ୍
୭ ବର୍ଷ



ହିତିକ୍ଷା
୫ ବର୍ଷ